ଅନୁପମ ଭାରତ (ANUPAM BHARAT) ସୋମବାର 12-06-2017 (BHUBANESWAR)

# 'ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଚାହିଁ ପାଠ୍ୟକ୍ରମ ନିର୍ଦ୍ଧାରଣ କରାଯିବା ଉଚିତ'

ସମ୍ବଲପୁର, ୧୧।୬(ଅନୁପମ ମିଡ଼ିଆ): ସମ୍ବଲପୁର୍ ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ) ର ଦ୍ୱିତୀୟ ପ୍ରତିଷ୍ଠା ଦିବସ୍ ସମାରୋହ ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଏହାର କୁଳପତି ପ୍ର. ଶ୍ରୀକାନ୍ତ ମହାପାତ୍ର କହିଲେ ଯେ, ସାମ୍ପ୍ରତିକ ବୈଷୟିକ ସୂଚନା କ୍ରାନ୍ତିର ମାହୋଲ୍‌ରେ ଶିକ୍ଷା ବ୍ୟବସ୍ଥାକୁ ଖାପ୍ ଖୁଆଇବାକୁ ପଡ଼ିବ। ଏ କ୍ଷେତ୍ରରେ ମୁକ୍ତ ବିଶ୍ୱବିଦ୍ୟାଳୟ ତାର ଶିକ୍ଷା ସାଧନକୁ ସାଧାରଣ ଲୋକଙ୍କ ପାଇଁ ଉନ୍ମୁକ୍ତ କରିବା ସକାଶେ ଯୋଜନା କରିଛି। ଯାହାଦ୍ୱାରା ସମସ୍ତେ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ପାଖରେ ପହଞ୍ଚି ପାରିବେ। ଇ-ଜ୍ଞାନାଗାର ଓ ମୋବାଇଲ୍ ଏପ୍ ଓଏସ୍ଓୟୁର ଏକ ବଡ଼ ଅବଦାନ୍ ଏହା ବିଶ୍ୱବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୂରତ୍ୱକୁ ଆହୁରି ହ୍ରାସ କରିବ। ସେହିଭଳି ବିଭିନ୍ନ ବିଷୟରେ ସ୍ନାତକ ପାଠ୍ୟକ୍ରମ ଏବଂ ଓଡ଼ିଆ ମାଧ୍ୟମରେ ଅଧ୍ୟୟନ କାର୍ଯ୍ୟକ୍ରମ ଲାଗୁ କରାଯାଇଛି। ମଲ୍ଟି ମିଡ଼ିଆ ଏଣ୍ଡ ଏନିମେସନ୍‌ରେ ଏକ ଡିପ୍ଲୋମା ପାଠ୍ୟକ୍ରମ ଆସନ୍ତା ବର୍ଷ ଠାରୁ ଆରମ୍ଭ ହେବ ବୋଲି ସେ କହିଛନ୍ତି।

ସମ୍ମାନିତ ଅତିଥି ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ସୁଧାଂଶୁ ଶେଖର୍ ରଥ ଦକ୍ଷତା ବିକାଶ ସକାଶେ ସମସ୍ତଙ୍କ ପାଇଁ ଶିକ୍ଷା ଉପଲବ୍ଧ ହେବା ଆବଶ୍ୟକ ବୋଲି ମତ ଦେଇ କହିଲେ ଯେ, ଏହା ଶିକ୍ଷାର ଉଦ୍ଦେଶ୍ୟ ଓ ମହତ୍ୱକୁ ପୂରଣ କରିପାରିବ। ଯାହାକି ଶିକ୍ଷାର ସାର୍ବଜନୀକରଣକୁ ସାକାର କରିବ। ଏହା ଉଚ୍ଚଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଆଣିଦେବ। ଯଦ୍ୱାରାକି ଶିକ୍ଷା ଗ୍ରହଣ ଉତାରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଉତ୍କର୍ଷ କରିପାରିବ ବୋଲି ସେ କହିଥିଲେ।

ନୂଆଦିଲ୍ଲୀ ସ୍ଥିତ ସି.ଇ.ଏମ୍.ସି.ଏ. ର ନିର୍ଦ୍ଦେଶକ ଡ. ସାହିବ୍ ରସୁଲ୍ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଓଏସ୍ଓୟୁ ମାତ୍ର ୨ ବର୍ଷ ମଧ୍ୟରେ ଦୂରଶିକ୍ଷା ପ୍ରଣାଳୀରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଦେଶରେ ଶିକ୍ଷା ବ୍ୟବସ୍ଥାକୁ ବିକଶିତ କରି ସରକାରଙ୍କୁ ଏ କ୍ଷେତ୍ରରେ ସହାୟତା କରିବା ହିଁ ଦୂରଶିକ୍ଷା ବ୍ୟବସ୍ଥା ବା ମୁକ୍ତ ବିଶ୍ୱବିଦ୍ୟାଳୟର ଏକ ପ୍ରଧାନ୍ ଉଦ୍ଦେଶ୍ୟ। ଏହି ବ୍ୟବସ୍ଥା ଦ୍ୱାରା ଉଚ୍ଚଶିକ୍ଷାରୁ ବଞ୍ଚିତ ଏବଂ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଶସ୍ତ ମାର୍ଗ ଉନ୍ମୁକ୍ତ ହୋଇପାରିଛି। ଏବେ ଜ୍ଞାନ ଅର୍ଥନୀତିର ପରିବେଶରେ ନୂଆ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ସମୟର ଆହ୍ୱାନ୍ ଅଟେ। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଆବଶ୍ୟକତା ଓ ଇଚ୍ଛା ମୁତାବକ ସୁଯୋଗ୍ ଦେବା ସମାଜର କର୍ତ୍ତବ୍ୟ ଅଟେ। ଏହି ଦୃଷ୍ଟିକୋଣକୁ ସାକାର କରିବାକୁ ପଡ଼ିବ। ସମସ୍ତଙ୍କୁ ଉପଯୁକ୍ତ ଶିକ୍ଷା ଦେଇପାରିଲେ ଯାଇ ଭାରତ ବିକାଶ ପଥରେ ଆଗେଇ ଯିବ। ଆମ ଦେଶରେ ଯୁବ ପୀଢ଼ିଙ୍କ ସଂଖ୍ୟା ଅଧିକ ଥିବାରୁ ସେମାନଙ୍କ ସାମର୍ଥ୍ୟକୁ ଉପଯୋଗ କରିବାକୁ ପଡ଼ିବ। ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ସହିତ ଛାତ୍ର-ଶିକ୍ଷକଙ୍କ ଅନୁପାତକୁ ସନ୍ତୁଳିତ କରିବାକୁ ହେବ। ଗ୍ରାମୀଣ ଏବଂ ସହରାଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ ଦ୍ୱାରା ଶିକ୍ଷା ସଂସ୍ଥାନର ଗୁଣବତ୍ତା ବୃଦ୍ଧି ପାଇବ। ଦକ୍ଷତା ଆଧାରିତ ପାଠ୍ୟକ୍ରମ ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଡ. ରସୁଲ୍ କହିଥିଲେ। ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ତାଙ୍କ ଭାଷଣରେ କହିଲେ ଯେ, ସମ୍ବଲପୁର୍‌ର ଏହି ମୁକ୍ତ ବିଶ୍ୱବିଦ୍ୟାଳୟ ସାମାଜିକ ଦାୟିତ୍ୱବୋଧକୁ ପାଳନ କରିବାରେ ପ୍ରମାଣିତ ହୋଇଛି। ଛାତ୍ରଛାତ୍ରୀମାନଙ୍କ ରୁଚିକୁ ଚିହ୍ନଟ କରି ସେହି ହିସାବରେ ସୁଯୋଗ ଦେବାକୁ ପଡ଼ିବ। ଶିକ୍ଷାରେ ବାଧ୍ୟବାଧକତା ନୀତି ଛାତ୍ରଛାତ୍ରୀମାନଙ୍କ ବିକାଶରେ ବାଧା ଦେବାର ଆଶଙ୍କା ରହିଥାଏ। ଏଣୁ ଶିକ୍ଷା ପ୍ରଣାଳୀ ଲାଗୁ କରିବା ପୂର୍ବରୁ ସମୟର ଆବଶ୍ୟକତାକୁ ଦୃଷ୍ଟି ଦେବାକୁ ପଡ଼ିବ। ସୂଚନାକାନ୍ତିର ଯୁଗରେ ନୂତନ ପୀଢ଼ି ଅଧିକ ଅନୁସନ୍ଧିତ୍ସୁ ହେଉଥିବାରୁ ଏହାକୁ ଶିକ୍ଷାର ଭବିଷ୍ୟ ସୁଯୋଗ ସୃଷ୍ଟି ପାଇଁ ଉପଯୋଗ କରାଗଲେ ଶିକ୍ଷା ବ୍ୟବସ୍ଥା ସହିତ ଦେଶର ଭବିଷ୍ୟତ ଠିକଣା ବାଟକୁ ଆସିପାରିବ। ନିର୍ଦ୍ଦିଷ୍ଟ ବିଷୟ ବ୍ୟତୀତ ଛାତ୍ରଛାତ୍ରୀମାନେ ଯେତେ ସଂଖ୍ୟକ ବିଷୟ ଆଗ୍ରହ ରଖୁଛନ୍ତି। ସେମାନଙ୍କୁ ତାହା ଉପଲବ୍ଧ କରାଇବାକୁ ପଡ଼ିବ। ମୁକ୍ତ ବିଶ୍ୱବିଦ୍ୟାଳୟର ଯୋଜନା ଏ କ୍ଷେତ୍ରରେ ବଳିଷ୍ଠ ଭୂମିକା ଗ୍ରହଣ କରୁଛି ବୋଲି ସେ କହିଥିଲେ। ସମ୍ମାନୀତ ଅତିଥି ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ସମ୍ବଲପୁରରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ସଂସ୍ଥାନ ଦ୍ୱାରା ଅଧାରୁ ପାଠ ଛାଡୁଥିବା ବର୍ଗ ବୟସର ବିନା ପ୍ରତିବନ୍ଧକରେ ଶିକ୍ଷା ଆହରଣ କରିପାରିବେ ବୋଲି କହିଥିଲେ। ପ୍ରାରମ୍ଭରେ କୁଳସଚିବ ଜୟନ୍ତ କରଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଜ୍ୟୋତିପ୍ରକାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଏସ୍ଓୟୁ ପକ୍ଷରୁ ଇ କଣ୍ଟେଣ୍ଟ ବିକଶିତ କରିବା ପାଇଁ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ସହିତ ଏକ ଏମ୍ଓୟୁ ସ୍ୱାକ୍ଷର କରାଯାଇଥିବା ବେଳେ ପାଠ୍ୟକ୍ରମ ବିଷୟକୁ ବିତରଣ ପାଇଁ ଏକ ମୋବାଇଲ୍ ଆପ୍ ମଧ୍ୟ ଉଦ୍‌ଘାଟନ କରାଯାଇଥିଲା।

ଅନୁପମ ଭାରତ, ସୋମବାର, ୧୨.୬-୧୭, ଭୁବନେଶ୍ୱର